# ବ୍ୟାଙ୍କ ସମୁହ ଜିଲ୍ଲା ପରାମର୍ଶଦାତା କମିଟିର ସ୍ୱତନ୍ତ୍ର ବୈଠକ -

# କୋଭିଡ୍-୧୯ ଆର୍ଥିକ ସହାୟତା ପ୍ରଦାନ ଉପରେ ଗୁରୁତ୍ୱ ।

ଅନୁଗୋଳ ୬.୫ :- ସାମ୍ପ୍ରତିକ ପରିସ୍ଥିତିରେକରୋନା ଭୁତାଣୁ ସଂକ୍ରମଣ ବ୍ୟାପିବାକୁ ନେଇ ସାରା ବିଶ୍ୱରେ ଘୋର ଆର୍ଥିକ ସମସ୍ୟା ଦେଖା ଦେଇଛି । ଗତ ବର୍ଷ ଡିସେମ୍ବର ୩୧ ତାରିଖରେ ଚିନ୍ ର ଓ୍ୱାହାନରେ ପ୍ରଥମେ କରୋନା ଭୁତାଣୁ ବାହାରିବା ପରେ ଏହା ଭାରତ ସହ ଅନ୍ୟାନ୍ୟ ଦେଶରେ ତାର କାୟା ବିସ୍ତାର କରିଚାଲିଛି । ବର୍ତ୍ତମାନ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଏହି ମହାମାରୀ ଭୁତାଣୁ ସଂକ୍ରମଣ ବ୍ୟାପିବାକୁ ପ୍ରତିରୋଧ କରିବା ନିମନ୍ତେ ତାଲା ବନ୍ଦ ସହ ଅନେକ କଟକଣା ଜାରି କରିଛନ୍ତି । ଏହି କଟକଣା ଦ୍ୱାରା ଆର୍ଥିକ ପରିସ୍ଥିତିରେ ଘୋର ସମସ୍ୟା ଦେଖା ଦେଇଛି । ଏହି ସମସ୍ୟାର ସମାଧାନ ନିମନ୍ତେ ଗତକାଲି ପୂର୍ବାହ୍ନରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତିଂକ ଅଧ୍ୟକ୍ଷତାରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସଭାଗୃହ ଠାରେ ବ୍ୟାଂକ ସମୁହର ଜିଲ୍ଲା ପରାମର୍ଶଦାତା କମିଟୀର ଏକ ସ୍ୱତନ୍ତ୍ର ବୈଠକ ଅନୁଷ୍ଠିତ ହୋଇଯାଇଛି । କରୋନା ଭୁତାଣୁ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ବ୍ୟାପକ କାର୍ଯ୍ୟକ୍ରମ ଚାଲୁରହିଛି । ତାଲା ବନ୍ଦ ଯୋଗୁଁ ଜିଲ୍ଲାର ଅର୍ଥନୀତି ଲୋକଂକ ଜୀବନ ଓ ଜିବିକା ଉପରେ କିପରି ପ୍ରଭାବ ପକାଉଛି ସେ ସମ୍ପର୍କରେ ଜିଲ୍ଲାପାଳ ସମ୍ୟକ ସୂଚନା ପ୍ରଦାନ କରିଥିଲେ । ସମସ୍ତ ବ୍ୟାଂକ ଗୁଡିକ ଏହି ତାଲା ବନ୍ଦ ସମୟରେ ପ୍ରଭାବିତ ଚାଷୀ, ଶ୍ରମିକ,ସ୍ୱୟଂ ସହାୟକ ଗୋଷ୍ଠୀ, ଜନ ଧନ ହିତାଧିକାରୀ ଓ ଶିଳ୍ପଦ୍ୟୋଗୀମାନଂକୁ ଅଗ୍ରାଧିକାର ଭିତିରେ ବ୍ୟାଂକ ଋଣ ସହଜରେ ଯୋଗାଇ ଦେବା ସହ ଅର୍ଥନୈତିକ କାର୍ଯ୍ୟ ପ୍ରକ୍ରିୟାର ପୁନଃ ଆରମ୍ଭ କରିବାକୁ ପରାମର୍ଶ ଦେଇଛନ୍ତି । ଗରିବ ଲୋକମାନେ ସେମାନଂକର ଜିବିକା ଅର୍ଜନ ଯେପରି ସହଜରେ କରିବା ପାଇଁ ସକ୍ଷମ ହେବେ ସେଥିପ୍ରତି ବ୍ୟାଂକ ଗୁଡିକ ବିଶେଷ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ବ୍ୟାଂକ ସକାଳ ୧୦ ଘଟିକାରୁ ଅପରାହ୍ନ ୪ ଘଟିକା ପର୍ଯ୍ୟନ୍ତ ଖୋଲା ରହିବା ସହ ଖରାଦିନକୁ ଦୃଷ୍ଟିରେ ରଖି ବ୍ୟାଂକ ପରିସରରେ ଗ୍ରାହକଂକ ପାଇଁ ଛାଉଣି କରିବା ସହ ପାନୀୟ ଜଳ ଯୋଗାଇ ଦେବାକୁ ପରାମର୍ଶ ଦେଇଛନ୍ତି । ସାମ୍ପ୍ରତିକ ପରିସ୍ଥିତିରେ କୋଭିଡ୍-୧୯ ପାଇଁ ସରକାରଂକ ନିୟମାବଳୀକୁ କଡା କଡି ପାଳନ କରିବା ସହ ସାମାଜିକ ଦୂରତା ଅବଲମ୍ବନ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଅଦିନିଆ ବର୍ଷା ପାଇଁ ରବି ଫସଲ ଅମଳ ସଠିକ୍ ଭାବରେ ହୋଇନଥିବାରୁ ଖରିଫ୍ ଫସଲ ପାଇଁ କୃଷକମାନଂକୁ ଆର୍ଥିକ ସହାୟତା, ଏମ୍.ଏସ୍.ଏମ୍.ଇ କ୍ଷେତ୍ରରେ ବିଭିନ୍ ଉଦ୍ୟୋଗ ପାଇଁ ଋଣ ମଂଜୁର, ଜନଧନ ହିତାଧିକାରୀ ଓ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଋଣ ପ୍ରଦାନ କରିବା ନିମନ୍ତେ ବ୍ୟାଂକ ଗୁଡିକ ବଦାନ୍ୟତା ପ୍ରଦର୍ଶନ ପୂର୍ବକ ସହଯୋଗ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । କୃଷି,ଉଦ୍ୟାନକୃଷି, ମତ୍ସ୍ୟ, ପଶୁସମ୍ପଦ ଆଦି ବିଭିନ୍ନ କ୍ଷେତ୍ରରେ ହିତାଧିକାରୀମାନଂକୁ ତୁରନ୍ତ ଋଣ ପ୍ରଦାନ କରି ଉପଲବ୍ଧ ଥିବା ରିହାତି ପାଇବାରେ ସହାୟତା କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି ।

ପ୍ରାରମ୍ଭରେ ଏଲ୍ ଡି ଏମ୍ ଶ୍ରୀ ମହେଶ୍ୱର ଗୌଡ ବୈଠକର କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ । ଏହି ବୈଠକରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟଂକ ସମେତ ବିଭିନ୍ନ ବ୍ୟାଂକର କର୍ତ୍ତୃପକ୍ଷମାନେ ଯୋଗ ଦେଇଥିଲେ ।


DISTRICT RURAL DEVELOPMENT AGENCY
ANGUL


DISTRICT RURAL DEVELOPMENT AGENCY
ANGUL